# NATIONAL NEWS BULLETIN (ODIA)

## 30 March - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଗତ ୧୧ ବର୍ଷ ମଧ୍ୟରେ ଆସାମର ସାମଗ୍ରୀକ ବିକାଶ ସହିତ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସ୍ଥିରତା ପରିଲକ୍ଷିତ ହୋଇଛି; କହିଲେ ପ୍ରଧାନମନ୍ତ୍ରୀ
- ଏକ ନକ୍ସଲମୁକ୍ତ ଭାରତ ପ୍ରତିଷ୍ଠା କରିବା ଦିଗରେ ସରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛନ୍ତି; ଲୋକସଭାରେ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ଦେଶର ଗ୍ରାମଗୁଡ଼ିକର ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ୯୯ ପ୍ରତିଶତରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ନିକଟରେ ପହଁଞ୍ଚିପାରିଛି ବ୍ୟାଙ୍କିଙ୍ଗ ସୁବିଧା
- ମହାବୀର ଜୟନ୍ତୀ ଅବ୍ୟବହିତ ପୂର୍ବରୁ ଆଜି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି

ଏବଂ

- ଆଇ.ପି.ଏଲ୍. କ୍ରିକେଟରେ ଚେନ୍ନାଇ ସୁପରକିଙ୍ଗ୍‌ସ ବିପକ୍ଷରେ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଲା ରାଜସ୍ଥାନ ରୟାଲ୍ସ

# ପିଏମ୍– ଆସାମ

ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ଣରେ 'ମେରା ବୁଥ୍ ସବ୍‌ସେ ମଜଭୁତ୍ ସମ୍ବାଦ' କାର୍ଯ୍ୟକ୍ରମ ଅଧୀନରେ ଆସାମର ଦଳୀୟ କର୍ମୀଙ୍କ ସହିତ ଭାବବିନିମୟ କରିଛନ୍ତି। ଆସାମ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ତୃଣମୂଳସ୍ତରରେ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ରାଜ୍ୟର ବିକାଶ ଉପରେ ବିଶେଷ ଆଲୋକପାତ କରିଛନ୍ତି। ଗତ ୧୧ ବର୍ଷ ମଧ୍ୟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ମୋଦୀ କହିଛନ୍ତି, ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଏନ୍‌ଡିଏ ସରକାରଙ୍କ ଡବଲ ଇଞ୍ଜିନ୍ ମଡେଲକୁ ବିଶେଷ ସଫଳତା ମିଳିଛି। ଏନ୍‌ଡିଏ ମେଣ୍ଟକୁ ପୁଣିଥରେ ସମର୍ଥନ କରି ଆଗାମୀ ୫ ବର୍ଷ ଲାଗି ଏହି ବିକାଶ ଯାତ୍ରାକୁ ଆଗେଇ ନେବା ପାଇଁ ଆସାମବାସୀ ମନସ୍ଥିର କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ନିର୍ବାଚନରେ ବହୁଳ ମାତ୍ରାରେ ଜନସାଧାରଣଙ୍କ ଅଂଶଗ୍ରହଣ ତଥା ଲୋକଙ୍କ ନିକଟରେ ସରକାରଙ୍କ ସଫଳତା ପହଁଞ୍ଚାଇବା ଦିଗରେ ବୁଥ୍‌ସ୍ତରୀୟ ସଂଗଠନକୁ ଅଧିକ ସଶକ୍ତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

**V/O– PM-MODI**

ବିଜେପି ସରକାରଙ୍କ ସଫଳତା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୧ ବର୍ଷ ମଧ୍ୟରେ ଆସାମକୁ ବିଦ୍ରୋହୀଙ୍କ କବଳରୁ ମୁକ୍ତ କରାଯିବା ସହିତ ଶାନ୍ତି ପ୍ରତିଷ୍ଠା କରାଯାଇଛି। ଏଥିସହିତ ରାଜ୍ୟ ଲାଗି ନୂତନ ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିଛି। କଂଗ୍ରେସ ସରକାରଙ୍କ ଅମଳରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ହୋଇଥିବାରୁ ଅନେକ ଯୁବବର୍ଗଙ୍କ ଜୀବନହାନୀ ହୋଇଛି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି। ରାଜ୍ୟରେ ଶାନ୍ତି ପ୍ରତିଷ୍ଠା ସହିତ ବିକାଶ ଲାଗି ସରକାରଙ୍କ ପଦକ୍ଷେପର ଅଂଶ ସ୍ୱରୂପ ବୋଡ଼ୋ ଶାନ୍ତି ଚୁକ୍ତିନାମା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଯୁବବର୍ଗ ଦ୍ୱନ୍ଦ୍ୱ ଛାଡ଼ି ବିକାଶ ପଥରେ ଅଗ୍ରସର ହେଉଛନ୍ତି। ଫଳରେ ଶିକ୍ଷା, ନିଯୁକ୍ତି ଏବଂ ଉଦ୍ୟମିତା ଭଳି କ୍ଷେତ୍ରରେ ସ୍ଥିରତା ପରିଲକ୍ଷିତ ହୋଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**V/O– PM-MODI-ASSAM**

ଏଠାରେ ସୂଚନା ଦିଆଯାଇପାରେ, ଆସନ୍ତା ମାସ ୯ ତାରିଖରେ ଏକକ ପର୍ଯ୍ୟାୟରେ ଆସାମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

# ଏଲଏସ୍– ନକ୍ସଲ ଡିବେଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ନକ୍ସଲମୁକ୍ତ ଭାରତ ପ୍ରତିଷ୍ଠା କରିବା ଦିଗରେ ସରକାର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଁଞ୍ଚିଛନ୍ତି

ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି। ଆଜି ଲୋକସଭାରେ ନକ୍ସଲମୁକ୍ତ ଭାରତ ସମ୍ପର୍କିତ ଆଲୋଚନାର ଉତ୍ତର ଦେଇ ଶ୍ରୀ ଶାହା ଏହି ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶବ୍ୟାପୀ ଏ କ୍ଷେତ୍ରରେ ଅଭୂତପୂର୍ବ ସଂସ୍କାର ଅଣାଯାଇପାରିଛି। ଦେଶର ଅର୍ଥନୈତିକ ବିକାଶରେ ମାଓବାଦୀ କାର୍ଯ୍ୟକଳାପ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ସରକାର ସମ୍ପୂର୍ଣ୍ଣ ମୂଳୋତ୍ପାଟନ ଲାଗି ପ୍ରୟାସ ଆରମ୍ଭ କରିଥିଲେ। ନକ୍ସଲ ମୁକ୍ତ ଭାରତ ଉପରେ ପ୍ରାଧାନ୍ୟ ଦେଇ ସରକାର ଆବଶ୍ୟକ  ପଦକ୍ଷେପ ଗ୍ରହଣ କରିଛନ୍ତି। ନକ୍ସଲ ପ୍ରଭାବିତ ଅଞ୍ଚଳଗୁଡ଼ିକରେ କେନ୍ଦ୍ର ସରକାର ବିକାଶର ଧାରା ଜାରି ରଖିଛନ୍ତି। ସରକାରଙ୍କ କାର୍ଯ୍ୟରେ ଓ ନୀତିରେ ପ୍ରଭାବିତ ହୋଇ ମାଓବାଦୀମାନେ ହିଂସା ଛାଡ଼ି ଆତ୍ମସମର୍ପଣ କରିବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି।

**–VO-**

ଛତିଶଗଡ଼ର ବସ୍ତର ଅଞ୍ଚଳରେ ନକ୍ସଲବାଦ ପ୍ରାୟ ସମାପ୍ତ ହୋଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ସୂଚନା ଦେଇଛନ୍ତି। ଦେଶକୁ ମାଓମୁକ୍ତ କରିବା ନେଇ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସମୟସୀମା ଆସନ୍ତାକାଲି ଶେଷ ହେଉଛି। ମାଓବାଦୀ ମୁକ୍ତ ଅଭିଯାନରେ ସ୍ଥାନୀୟ ଜନସାଧାରଣଙ୍କର ଅନେକ ସହଯୋଗ ରହିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିବା ସହିତ ଏଥିରେ

ସାମିଲ ସୁରକ୍ଷାକର୍ମୀ ଓ ରାଜ୍ୟ ସରକାରଙ୍କ ସହଯୋଗକୁ ସେ ପ୍ରଶଂସା କରିଛନ୍ତି ।

## ଏପି–ମାଓଇଷ୍ଟ ସରେଣ୍ଡର

ଆନ୍ଧ୍ରପ୍ରଦେଶରେ ୯ ଜଣ ମାଓବାଦୀ ଆଜି ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏ ସମ୍ପର୍କରେ ପୁଲିସ ମହାନିର୍ଦ୍ଦେଶକ ହରିଶ କୁମାର ଗୁପ୍ତା ସୂଚନା ଦେଇ କହିଛନ୍ତି, ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ମାଓନେତା ସି.ନାରାୟଣ ରାଓ ଅନ୍ତର୍ଭୁକ୍ତ । ଏହାଦ୍ୱାରା ରାଜ୍ୟରେ ମାଓବାଦୀଙ୍କ ସ୍ଥିତି ହ୍ରାସ ପାଇ ପ୍ରାୟତଃ ଶେଷ ଅବସ୍ଥାରେ ପହଁଞ୍ଚିଛି ବୋଲି ଶ୍ରୀ ଗୁପ୍ତା କହିଛନ୍ତି । ବର୍ତ୍ତମାନ ଆନ୍ଧ୍ରପ୍ରଦେଶରେ କୌଣସି ସକ୍ରିୟ ମାଓବାଦୀଙ୍କର ଉପସ୍ଥିତି ନ ଥିବା ପୁଲିସ ଘୋଷଣା କରିଛି ।

## ଏଲ୍ଏସ୍– ବ୍ୟାଙ୍କିଂଙ୍ଗ୍

ଦେଶବ୍ୟାପୀ ଗ୍ରାମଗୁଡ଼ିକରେ ୫ କିଲୋମିଟର ବ୍ୟାସାର୍ଦ୍ଧ ମଧ୍ୟରେ ୯୯ ଦଶମିକ ୯/୨ ପ୍ରତିଶତ ବ୍ୟାଙ୍କିଙ୍ଗ ସୁବିଧା ଉପଲବ୍ଧ ରହିଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, କେନ୍ଦ୍ରଶାସିତ ଅଞ୍ଚଳ ଦାଦ୍ରା ଓ ନଗର ହାବେଲୀର ଶତପ୍ରତିଶତ ଗ୍ରାମରେ ଅନୁରୂପ ସୁବିଧା ଉପଲବ୍ଧ ହେଉଛି । ଦେଶର ସମସ୍ତ ସ୍ଥାନ ବିଶେଷ କରି ଦୁର୍ଗମ ଅଞ୍ଚଳଗୁଡ଼ିକରେ ମଧ୍ୟ ସରକାର ଶତପ୍ରତିଶତ ବ୍ୟାଙ୍କିଂଙ୍ଗ ସୁବିଧା ଉପଲବ୍ଧ

କରାଇବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି। ତେବେ ଯୋଗାଯୋଗ ଏବଂ ଭିତ୍ତିଭୂମି ଅଭାବ ସମେତ ଆବଶ୍ୟକସ୍ଥାନ ନ ମିଳିବାରୁ ଏହି ସୁବିଧା ଯୋଗାଇ ଦେବାରେ ଅସୁବିଧା ଉପୁଜୁଛି ବୋଲି ଅର୍ଥମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି।

## ପ୍ରେଜ୍- ମହାବୀର ଜୟନ୍ତୀ

ମହାବୀର ଜୟନ୍ତୀ ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅହିଂସା, ସତ୍ୟ, ଆସ୍ତେୟ, ବ୍ରହ୍ମଚର୍ଯ୍ୟ ଏବଂ ଅପରିଗ୍ରହ ଭଳି ୫ଟି ନୀତି ଉପରେ ପର୍ଯ୍ୟବେସିତ ଭଗବାନ ମହାବୀରଙ୍କ ଜୀବନାଦର୍ଶ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସଠିକ ପଥରେ ଅଗ୍ରସର ହେବା ଲାଗି ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ୫ଟି ନୀତିକୁ ଆପଣେଇବା ଦ୍ୱାରା ନାଗରିକମାନେ ଏକ ଅର୍ଥପୂର୍ଣ୍ଣ ଜୀବନଶୈଳୀରେ ପରିଚାଳିତ ହେବା ସହିତ ସମାଜରେ ମଧ୍ୟ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇପାରିବେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି।

## ଆରଏସ୍ – ପିଏମ୍ ସ୍ୱନିଧି

ପିଏମ୍ ସ୍ୱନିଧି ଯୋଜନା ଅଧୀନରେ ବୁଲାବିକାଳିଙ୍କ କଲ୍ୟାଣ ଲାଗି ମୋଟ୍ ୧୭ ହଜାର ୧୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଋଣ ମଞ୍ଜୁରୀ କରାଯାଇଛି। ଆଜି ରାଜ୍ୟସଭାରେ ଏ ସମ୍ପର୍କରେ ଗୃହ ନିର୍ମାଣ ଏବଂ

ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ମନ୍ତ୍ରୀ ତୋଖାନ ସାହୁ ଏକ ଲିଖିତ ଉତ୍ତର ଦେଇ ଏହା କହିଛନ୍ତି। ସେ କହିଛନ୍ତି, ସହରାଞ୍ଚଳରେ ବୁଲାବିକାଳିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ବନ୍ଧକ ବିହୀନ ମୂଳଧନ ଯୋଗାଇ ଦେବା ଲାଗି ୨୦୨୦ ଜୁନ୍ ମାସରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ଅଧୀନରେ ବୁଲାବିକାଳିଙ୍କୁ ପ୍ରଥମ ପର୍ଯ୍ୟାୟରେ ୧୫ ହଜାର ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୨୫ ହଜାର ଟଙ୍କା ଋଣ ସହାୟତା ଯୋଗାଇ ଦିଆଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

## ଇଣ୍ଡିଆ– ଏଲ୍‌ପିଜି

ରାଜ୍ୟଗୁଡ଼ିକରେ ବାଣିଜ୍ୟିକ ଏଲ୍‌ପିଜି ଯୋଗାଣ ସୁଗମ କରିବା ପ୍ରକ୍ରିୟାକୁ ତଦାରଖ କରିବା ଲାଗି ତୈଳ ବିପଣନ କମ୍ପାନୀଗୁଡ଼ିକ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକସ୍ତରୀୟ ଏକ ତିନିଜଣିଆ କମିଟି ଗଠନ କରିଛନ୍ତି ବୋଲି ପେଟ୍ରୋଲିୟମ ଓ ପ୍ରାକୃତିକ ବାଷ୍ପ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ କହିଛନ୍ତି। ଆଜି ରାଜ୍ୟସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ଗୋପୀ କହିଛନ୍ତି, ପଶ୍ଚିମ ଏସିଆରେ ଜାରି ରହିଥିବା ଭୂ-ରାଜନୈତିକ ସ୍ଥିତି ଯୋଗୁଁ ଦେଶରେ ଆମଦାନୀ ହେଉଥିବା ଏଲ୍.ପି.ଜି.ର ଉପଲବ୍ଧତା ପ୍ରଭାବିତ ହୋଇଛି।  ଦେଶରେ ବ୍ୟବହାର ହେଉଥିବା ଏଲ୍.ପି.ଜି.ର ୬୦ ପ୍ରତିଶତ ବାହାରୁ ଆମଦାନୀ ହୋଇଥାଏ ଏବଂ ତନ୍ମଧ୍ୟରୁ ୯୦ ପ୍ରତିଶତ ହର୍ମୁଜ ପ୍ରଣାଳୀ ଦେଇ ଭାରତରେ ପହଁଞ୍ଚିଥାଏ ବୋଲି ମନ୍ତ୍ରୀ କହିଛନ୍ତି। ଶ୍ରୀ ଗୋପୀ କହିଛନ୍ତି, ଏଲ୍.ପି.ଜି. ଯୋଗାଣ ପ୍ରକ୍ରିୟାକୁ ସୁବ୍ୟବସ୍ଥିତ କରିବା

ଲାଗି ସରକାର ଇତିମଧ୍ୟରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିଛନ୍ତି। ବିଶେଷ କରି ଘରୋଇ ଏଲ୍‌ପିଜି ବ୍ୟବହାରକାରୀଙ୍କୁ ପ୍ରାଧାନ୍ୟ ଦେବା, ଆମଦାନୀ ଉତ୍ସ ସମ୍ପ୍ରସାରିତ କରିବା ଓ ମହଜୁଦ ଏଲ୍‌ପିଜିର ଉପଯୁକ୍ତ ପରିଚାଳନା ଉପରେ ସରକାର ପ୍ରାଧାନ୍ୟ ଦେଇ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଗୋପୀ କହିଛନ୍ତି।

## ଖେଳ ଖବର

ଆଇ.ପି.ଏଲ୍. କ୍ରିକେଟରେ ଆଉ କିଛି ସମୟ ପରେ ଗୌହାଟୀର ବରସାପାରା କ୍ରିକେଟ ଷ୍ଟାଡିୟମରେ ରାଜସ୍ଥାନ ରୟାଲ୍ସ ଓ ଚେନ୍ନାଇ ସୁପର କିଙ୍ଗସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ରାଜସ୍ଥାନ ରୟାଲ୍ସ ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି।